# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଲ୍ଟିମିଡ଼ିଆ ଓ ଆନିମେସନ୍ ଜାତୀୟ କର୍ମଶାଳା

ଭୁବନେଶ୍ୱର, ୨୯ ।୧୧(ବ୍ୟୁରୋ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ମଲ୍ଟିମିଡ଼ିଆ ଓ ଆନିମେସନ୍' ଉପରେ ଦୁଇ ଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ଭୁବନେଶ୍ୱରଠାରେ ଆୟୋଜିତ ଏହି କର୍ମଶାଳାକୁ ନ୍ୟାସନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍ଟିମିଡ଼ିଆର ମୁଖ୍ୟ ଡ. ଦୀପକ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ । ସେ କହିଥିଲେ, ବର୍ତ୍ତମାନର ସମୟ ହେଉଛି ଡିଜିଟାଲ୍ ଯୁଗ । ତା' ସହ ଆମକୁ ତାଳ ଦେଇ ଚାଲିବାକୁ ପଡ଼ିବ । ପୁଣି ଶିକ୍ଷାକ୍ଷେତ୍ରରେ ଉତ୍ତମ ମାନର ପାଠ୍ୟପୁସ୍ତକର ଗୁରୁତ୍ୱ ସର୍ବାଧିକ । ତେଣୁ ଉଭୟକୁ ଆଖି ଆଗରେ ରଖି ଆଗେଇବାକୁ ପଡ଼ିବ ବୋଲି ସେ କହିଥିଲେ ।

ବିଶ୍ୱବିଦ୍ୟାଳୟର କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରି କହିଥିଲେ, ଡିଜିଟାଲ୍ ଯୁଗରେ ଏବେ ସବୁକିଛି ଆଙ୍ଗୁଳି ଟିପରେ ଉପଲବ୍ଧ । ଯୁଗ ଏବଂ ବୈଷୟିକ ବିଦ୍ୟାକୁ ସାଙ୍ଗରେ ନେଇ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଗକୁ ବଢୁଛି । କାରଣ- ଏହାଦ୍ୱାରା ଦୂରତା କମୁଛି ଏବଂ ଅନେକଙ୍କ ସହ ଏକାସାଙ୍ଗେ ଯୋଡ଼ା ଯାଇପାରୁଛି । ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ମଧୁ ପରାହର୍ ଏଥିରେ ମୁଖ୍ୟ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଛନ୍ତି । ଆଗାମୀ ଶିକ୍ଷାବର୍ଷରୁ କମନ୍‌ୱେଲଥ୍ ଅଫ୍ ଲର୍ଣ୍ଣିଂ ସହାୟତାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଲ୍ଟିମିଡ଼ିଆ ଓ ଆନିମେସନ୍ ଉପରେ ଏକ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି । ଏହା ରାଜ୍ୟରେ ଯେ କୌଣସି ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ପ୍ରଥମ ପ୍ରୟୋଗ ହେବ । ଉଦ୍‌ଘାଟନୀ ଉତ୍ସବରେ କୁଳସଚିବ ଡ. ଜୟନ୍ତ କରଶର୍ମା ସ୍ୱାଗତ ଭାଷଣ ଓ ଅଧ୍ୟାପକ ଜ୍ୟୋତି ପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ୧୩ଟି ବିଷୟରେ ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପ୍ରଦାନ କରୁଛି ।